## ସଂକ୍ଷେପରେ

### ଦକ୍ଷିଣାଞ୍ଚଳ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକଙ୍କ ଦାୟିତ୍ୱ ଗ୍ରହଣ



ବ୍ରହ୍ମପୁର,୪।୩(ସ୍ମୃତି ରଞ୍ଜନ ମହାଲିକ)– ଦକ୍ଷିଣାଞ୍ଚଳ ସୂଚନା ଓ ଲୋକ ସଂପର୍କ ବିଭାଗର ଉପ ନିର୍ଦ୍ଦେଶକ ଭାବେ ଲଲାଟେନ୍ଦୁ ମହାପାତ୍ର ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ପୁରୀ, ଭୁବନେଶ୍ୱର, କଟକରେ ସୂଚନା ଓ ଲୋକ ସଂପର୍କ ଅଧିକାରୀ ରୂପେ କାର୍ଯ୍ୟ କରୁଥିଲେ। ଦକ୍ଷିଣାଞ୍ଚଳ ଦାୟିତ୍ୱ ଗ୍ରହଣ ବେଳେ ବ୍ରହ୍ମପୁର ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ରଶ୍ମିରାଣୀ ନିମାକା ଓ ବରିଷ୍ଠ ଅଧିକାରୀ ଲୋକନାଥ ଶତପଥୀ ଓ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ଚିକିଟି,୪।୩(ପ୍ରକାଶ ଚନ୍ଦ୍ର ସାହୁ)– ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ସୋମବାର ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଏବଂ ଚାନ୍ଦପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଚାନ୍ଦପୁର ପଞ୍ଚାୟତର ଦେଉଳିଆପଡା ଗ୍ରାମରେ ବ୍ରହ୍ମପୁର ଏମ୍‌ପିଙ୍କ ନିଜସ୍ୱ ପାଣ୍ଠି ୫ ଲକ୍ଷ ଟଙ୍କାରେ ନିର୍ମିତ କୋଠାଘରକୁ ଉଦ୍‌ଘାଟନ କରିଥିବା ବେଳେ ନୂଆପଡା ଗ୍ରାମର ବ୍ରାହ୍ମଣ ନୂଆପଡାର ଯାଦବ ସମାଜ କୋଠଘର ଉଦ୍‌ଘାଟନ କରିଥିଲେ। ସେହିପରି ତାପସ୍ୱୀ ମଠ ନିକଟରେ ହେବାକୁ ଥିବା ଉଠା ଜଳସେଚନ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚିକିଟି ବିଡିଓ ଲକ୍ଷ୍ମନ ସୋରେନ, ବ୍ଲକ ଅଧକ୍ଷ ଆପନା ସେଠୀ, ଚାନ୍ଦପୁର ଓ ଲାଲମେଣ୍ଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ମନୋଜ କୁମାର ସାହୁ, ବୁଲୁ ସାହୁ ଓ ବାରିକ ପ୍ରଧାନ, ନୂଆପଡା ପଞ୍ଚାୟତର ସରପଞ୍ଚ ବି ସନମୁଖ, ଚିକିଟି ନିର୍ବାଚନ ମଣ୍ଡଳୀର ବରିଷ୍ଠ ଯୁବନେତା ଚିନ୍ମୟାନନ୍ଦ ଶ୍ରୀରୂପ ଦେଓ, ସୁରେନ୍ଦ୍ର ମଣ୍ଡଳ, ବି କୃଷ୍ଣମୂର୍ତ୍ତି, ଅଞ୍ଚଳର ଯୁବନେତା ଏସ୍. ଧର୍ମାରାଜ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

### କ୍ରିକେଟ ଟୁର୍ନାମେଣ୍ଟ, ବୁଢ଼ୀ ଠାକୁରାଣୀ ଟିମ୍ ବିଜୟୀ

ବ୍ରହ୍ମପୁର,୪।୩(ଅଶୋକ କୁମାର ସାହୁ): ସ୍ଥାନୀୟ ଗାନ୍ଧୀନଗର ଦ୍ୱିତୀୟ ଲେନ୍‌ରେ ଗାନ୍ଧୀନଗର ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ସୁନୀଲ କୁମାର ସାହୁ ଓ ତୁତୁନ ପାତ୍ର ଯୋଗଦେଇଥିଲେ। ଉଦଘାଟନୀ ମ୍ୟାଚ ଗାନ୍ଧୀନଗର ପ୍ଲେଇଂ ଇଲେଭେନ ସହ ପୁରୁଣା ବ୍ରହ୍ମପୁର ବୁଢ଼ୀ ଠାକୁରାଣୀ କ୍ଲବ ମଧ୍ୟରେ ହୋଇଥିଲା। ପ୍ଲେଇଂ ଇଲେଭେନ ୧୧.୨ ଓଭରରେ ସମସ୍ତ ଉଇକେଟ ହରାଇ ୪୧ ରନ କରିଥିଲା। ଜବାବରେ ବୁଢ଼ୀ ଠାକୁରାଣୀ ୭.୪ ଓଭରରେ ୪ ଉଇକେଟ ହରାଇ ୪୨ ରନ କରି ମ୍ୟାଚ ଜିତି ଯାଇଥିଲା। ପ୍ରଦ୍ୟୁମ୍ନଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଘୋଷଣା କରାଯାଇଛି। ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଛନ୍ତି। ଆସନ୍ତା ୧୭ ତାରିଖରେ ଫାଇନାଲ ହେବ ବୋଲି ଆୟୋଜକ ଗାନ୍ଧୀନଗର କ୍ରିକେଟ ଟିମ ପକ୍ଷରୁ କୁହାଯାଇଛି।

### ଏନ୍‌ଏସିରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ସୋରଡା,୪।୩ (ଲମ୍ବୋଦର ପାଣିଗ୍ରାହୀ): ସୋରଡ଼ା ଏନ୍‌ଏସିରେ ରବିବାର ବିଭିନ୍ନ ପ୍ରକଳ୍ପ ଉଦଘାଟିତ ହୋଇଯାଇଛି। ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଆସିକା ଏମ୍‌ପି ପ୍ରମିଳା ବିଶୋୟୀ, ଅଧକ୍ଷ ଶିବଶଙ୍କର ପଣ୍ଡା, ଉପାଧକ୍ଷା ଭାଗ୍ୟଲତା ଡାକୁଆଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ପ୍ରକଳ୍ପ ମଧ୍ୟରେ ହରିପୁର ଗୋଶାଳା, ଗୃହ ଭଗ୍ନାବଶେଷ ପ୍ରକ୍ରିୟାକରଣ କେନ୍ଦ୍ର, ଆଲୋକୀକରଣ ପ୍ରବେଶ ଦ୍ୱାର, ଦୈନିକ ମାର୍କେଟ ଶୌଚାଳୟ, ସାଧାରଣ ବର୍ଣ୍ଣନ ଗୃହ, ଡୁମସାହି ଶିଶୁ ଉଦ୍ୟାନ ଆଦି ରହିଛି। ମୁକ୍ତା ସଂଯୋଜକ ଯତୀନ୍ଦ୍ର ତ୍ରିପାଠୀ, ପ୍ରମୋଦ ଅଧିକାରୀ ସହଯୋଗ କରିଥିଲେ।

# ଏମ୍‌କେସିଜିରେ କିଡ୍‌ନୀ ପ୍ରତିରୋପଣ ହୋଇପାରୁନି

## ଭିତ୍ତିଭୂମି ଅଭାବ, ତାଲିମପ୍ରାପ୍ତ ଡାକ୍ତର ନାହାନ୍ତି

ବ୍ରହ୍ମପୁର,୪।୩(ସୁବାସ ଚନ୍ଦ୍ର ପାଢ଼ୀ) ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି (ଏମକେସିଜି)ମେଡିକାଲ କଲେଜ ଓ ହସ୍ପିଟାଲକୁ ୬୦ ବର୍ଷ ପୁରିଛି। ହେଲେ ଏ ଯାଏ ଏଠାରେ କିଡ୍‌ନୀ ପ୍ରତିରୋପଣ ବ୍ୟବସ୍ଥା ହୋଇପାରିନାହିଁ। ଭିତ୍ତିଭୂମିର ଅଭାବ ଓ ତାଲିମପ୍ରାପ୍ତ ଡାକ୍ତରଙ୍କ ଅଭାବ ଏହାର କାରଣ ବୋଲି କୁହାଯାଇଛି।

ଏମ୍‌କେସିଜି ମେଡିକାଲ ଉପରେ ଦକ୍ଷିଣ ଓଡ଼ିଶା ସମେତ ପଡୋଶୀ ଆନ୍ଧ୍ରର ରୋଗୀମାନେ ନିର୍ଭର କରୁଛନ୍ତି। ତେବେ ଏଠାରେ କେତେକ ବିଭାଗରେ କୌଣସି ସୁବିଧା ନ ଥିବାରୁ ରୋଗୀ କଟକ ଓ ଭୁବନେଶ୍ୱର ଯାଉଛନ୍ତି। ଏହି ମେଡିକାଲରେ ଅଙ୍ଗ ପ୍ରତିରୋପଣରେ ଅବ୍ୟବସ୍ଥା ଆଶା କରାଯାଇ ନ ପାରେ ବୋଲି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। କେବଳ ଚକ୍ଷୁ ପ୍ରତିରୋପଣକୁ ଛାଡ଼ିଦେଲେ ଅନ୍ୟ ଅଙ୍ଗ ପ୍ରତିରୋପଣ ହୋଇପାରୁନି। ପ୍ରଥମ କରି କଟକ ବଡ଼ ମେଡିକାଲରେ କିଡ୍‌ନୀ ପ୍ରତିରୋପଣ ହୋଇଥିଲା। କିଡ୍‌ନୀ ରୋଗୀଙ୍କୁ ସେବା ଯୋଗାଇବା ପାଇଁ ପ୍ରଥମେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ୧୯୭୬ରେ ଡାଏଲେସିସ ଆରମ୍ଭ ହୋଇଥିଲା। କିଡନୀ ପ୍ରତିରୋପଣରେ ଗୁରୁତ୍ୱ ବହନ କରୁଥିବା ନେଫ୍ରୋଲୋଜି ବିଭାଗ ଜଣେ ପ୍ରଫେସର ଓ ଜଣେ ସିନିୟର ରେସିଡେଣ୍ଟରେ ଚାଲିଛି। ଫଳରେ କିଡ୍‌ନୀ ରୋଗୀଙ୍କୁ ଇନ୍‌ଡୋର ସେବା ଦେବାରେ ଅସୁବିଧା ହେଉଛି। ଏହି ବିଭାଗରେ ବର୍ତ୍ତମାନ ୨ଶହ ରୋଗୀ ରହିଥିବା ବେଳେ ସେମାନେ ଡାଏଲିସିସ ହେଉଛନ୍ତି। ଡାଏଲିସିସ ପାଇଁ ନୂଆ ମେଶିନ ଆସିଯାଇ ଥିବାରୁ ବିଶେଷ ଅସୁବିଧା ନାହିଁ । ପ୍ରତି ମାସରେ ୬୫୦ ଡାଏଲିସିସ କରାଯାଉଛି। ହେଲେ ରୋଗୀ କିଡନୀ ପ୍ରତିରୋପଣ କରିବେ କେମିତି ବାଟ ପାଉନାହାନ୍ତି। କଟକଗଲେ ଦୀର୍ଘଦିନ ଅପେକ୍ଷା କରିବାକୁ ପଡୁଛି। କିଡନୀ ପ୍ରତିରୋପଣ ପାଇଁ ନେଫ୍ରୋଲୋଜି ଓ ୟୁରୋଲୋଜି ବିଭାଗର ଗୁରୁଦାୟିତ୍ୱ ରହିଛି। ନେଫ୍ରୋଲୋଜିର ୨ଜଣ ଓ ୟୁରୋଲୋଜିର ୪ ଜଣ ଡାକ୍ତର ଥିଲେ କିଡ୍‌ନୀ ପ୍ରତିରୋପଣ ହୋଇପାରିବ ବୋଲି ଡିଏମ୍‌ଇଟି ସଚ୍ଚିଦାନନ୍ଦ ମହାନ୍ତି କହିଛନ୍ତି। ଏମକେସିଜିରେ ୟୁରୋଲୋଜି ବିଭାଗରେ ୭ଜଣ ଡାକ୍ତର ରହିଥିବା ବେଳେ ନେଫ୍ରୋଲୋଜିରେ ୨ଜଣ ଡାକ୍ତର ଅଛନ୍ତି। ପିଏସଏସଏସଏଇ କୋଠାରେ ରହିଛି ଅତ୍ୟାଧୁନିକ ଅସ୍ତ୍ରୋପଚାର ଗୃହ । ତଥାପି ଏଠାରେ କିଡନୀ ପ୍ରତିରୋପଣ ହୋଇପାରୁନାହିଁ। ଏମ୍‌କେସିଜି ଅଧୀକ୍ଷକ ପ୍ରଫେସର ଡା.ସୁଚିତ୍ରା ଦାଶ କହିଛନ୍ତି, ଏଠାରେ ତାଲିମପ୍ରାପ୍ତ ଡାକ୍ତର ନାହାନ୍ତି। ପ୍ରତିରୋପଣ ପାଇଁ ଯେଉଁଭଳି ଓଟି ଓ ଭିତ୍ତିଭୂମି ଆବଶ୍ୟକ ତାହା ନାହିଁ । ତଥାପି କିଡନୀ ପ୍ରତିରୋପଣ କିପରି ହୋଇପାରିବ ଉଦ୍ୟମ କରାଯାଉଛି। ସରକାର ଏଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ଥିବା ସାଧାରଣରେ ମତ ପ୍ରକାଶ ପାଉଛି।

ଏ ସଂକ୍ରାନ୍ତରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁଚରଣ ପତି କହିଛନ୍ତି, ଗଞ୍ଜାମ ଜିଲାର ଲାଇଫଲାଇନ କୁହାଯାଉଥିବା ଏମ୍‌କେସିଜି ଉପେକ୍ଷିତ ହୋଇପଡିଛି। ସରକାର କେବଳ ମାଳମାଳ କୋଠା କରୁଥିବାବେଳେ ଡାକ୍ତର ଓ ଆନୁସଙ୍ଗିକ ବ୍ୟବସ୍ଥାରେ ସୁଧାର ଆସିପାରିନାହିଁ। ଏମକେସିଜିରେ ଅଙ୍ଗଦାନ କରିବାକୁ ଲୋକେ ଆଗ୍ରହୀ ଅଛନ୍ତି। କିନ୍ତୁ ଅଙ୍ଗ ପ୍ରତ୍ୟାରୋପଣ ବିଭାଗ ପ୍ରତିଷ୍ଠା କରିବାରେ ସରକାରଙ୍କ ଆନ୍ତରିକତା ନାହିଁ। ସେହିପରି ଆଇନଜୀବୀ ସୁରେନ୍ଦ୍ର ବେହେରା କହିଛନ୍ତି, ଏମକେସିଜି ଉପରେ ଦକ୍ଷିଣ ଓଡ଼ିଶା, ଆନ୍ଧ୍ର ଓ ଖୋର୍ଦ୍ଧା ଜିଲ୍ଲାର ଅଧିକାଂଶ ଅଞ୍ଚଳର ରୋଗୀ ନିର୍ଭରଶୀଳ। ଏହା ଏକ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବାବେଳେ ଅଙ୍ଗପ୍ରତ୍ୟଙ୍ଗ ରୋପଣର ସୁବିଧା ନାହିଁ। ଫଳରେ ଲୋକେ ବିଶାଖାପାଟଣା ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ସରକାର ଏଥିପ୍ରତି ଧ୍ୟାନ ଦେବା ଦରକାର ବୋଲି ସେ କହିଛନ୍ତି।



ନବମ ଶ୍ରେଣୀ ବାର୍ଷିକ ପରୀକ୍ଷା ଓ ମଧମା ପରୀକ୍ଷା ନିମନ୍ତେ ପ୍ରଶ୍ନପତ୍ର ଅନଲାଇନରେ ସ୍କୁଲକୁ ପଠାଇବାକୁ ବୋର୍ଡ କର୍ତ୍ତୃପକ୍ଷ ନେଇଥିବା ନିଷ୍ପତ୍ତିକୁ ବିରୋଧ କରି ଏଆଇଡିଏସଓ ଗଞ୍ଜାମ ଜିଲା କମିଟି ପକ୍ଷରୁ ସୋମବାର ଡିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

# ବିଜେଡିକୁ ଜିତାଇବାକୁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ

ଆସିକା,୪।୩ (ସୁରେନ୍ଦ୍ରନାଥ ସାହୁ) ରାଜ୍ୟରେ ନବୀନ ବାବୁଙ୍କ ସରକାର ଅମଳରେ ଆସିକା ଅଞ୍ଚଳର ସାମଗ୍ରୀକ ବିକାଶ ହୋଇଛି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ସହରକୁ ବନ୍ୟାଦାଉରୁ ସୁରକ୍ଷା, ସହରାଞ୍ଚଳର ସୌନ୍ଦର୍ଯ୍ୟକରଣ ଏପରିକି ଆସିକାକୁ ମ୍ୟୁନିସିପାଲିଟି ଘୋଷଣା ମଧ କରାଯାଇଛି । ଏଥିଲାଗି ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫–ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଆସିକା ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । ସୋମବାର ସ୍ଥାନୀୟ ଟାଉନହଲ ଠାରେ ଗଞ୍ଜାମ ଜିଲା ବିଜେଡି ଉପସଭାପତି ଦିଲୀପ ପାଣିଗ୍ରାହୀ ଆୟୋଜିତ ଖବରଦାତା ସମ୍ମିଳନୀରେ ନବୀନ ବାବୁଙ୍କ ଶାସନ କାଳରେ ଆସିକା ଅଞ୍ଚଳରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସୂଚନା ଦେବା ସହ ଆଗାମୀ ନିର୍ବାଚନରେ ଦଳ ପକ୍ଷରୁ ନିର୍ଦ୍ଧାରିତ ପ୍ରାର୍ଥୀଙ୍କୁ ଜିତାଇ ନବୀନ ବାବୁଙ୍କୁ ଷଷ୍ଠଥର ଲାଗି ମୁଖ୍ୟମନ୍ତ୍ରୀ ପଦରେ ବସାଇବା ନିମନ୍ତେ କର୍ମୀମାନେ ସଂକଳ୍ପବଦ୍ଧ ହେବାକୁ ନିବେଦନ କରିଥିଲେ । ଏହି ଅବସରରେ ଆସିକା ଅଞ୍ଚଳରେ ଦଳ ମଧ୍ୟରେ ମତପାର୍ଥକ୍ୟ ସମ୍ପର୍କରେ ଉତ୍ତର ଦେଇ ସେ କହିଲେ ପରିବାରରେ ଯେତେବେଳେ ମତପାର୍ଥକ୍ୟ ରହୁଛି ଦଳରେ ହେବା ବଡକଥା ନୁହେଁ। ତେବେ ମଇଁସି ସିଂଘ ଫଟା, ଜୁଝିଲା ବେଳକୁ ଗୋଟା ନିତିରେ କର୍ମୀମାନେ ଦଳୀୟ ପାର୍ଥୀଙ୍କ ବିଜୟ ଲାଗି ଏକଜୁଟ ହେବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଆସିକା ବିଧାନସଭା ଲାଗି ତାଙ୍କର ଆଶା ସମ୍ପର୍କରେ ଉତ୍ତର ଦେଇ ଦୀର୍ଘ ୪୦ବର୍ଷ ଧରି ଛାତ୍ର ରାଜନିତୀ ଠାରୁ ଆରମ୍ଭ କରି ପ୍ରବାଦ ପୁରୁଷ ବିଜୁବାବୁଙ୍କ ଅନୁଗାମି ଭାବେ ଅଦ୍ୟାବଧି ଜଣେ ଶୃଙ୍ଖଳିତ କର୍ମୀ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି । ଦଳ ଯଦି ତାଙ୍କୁ ସୁଯୋଗ ଦିଏ ତେବେ ସେ ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରିବେ ଓ ଦଳ ବିରୋଧରେ ସ୍ୱର ଉତ୍ତୋଳନ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଶରତେନ୍ଦୁ ପଣ୍ଡା, ଜିଲା ବିଜେଡି ସଂପାଦକ ଅଭିମନ୍ୟୁ ନାହାକ, ପୂର୍ବତନ ବ୍ଲକ ଅଧକ୍ଷ ସୂର୍ଯ୍ୟକାନ୍ତ ପରିଡା, ଉପାଧକ୍ଷ ଅନିଲ କୁମାର ନାୟକଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀ।

# ଦୁଇ ଦିନରେ ଗୋଟିଏ ପରିବାରର ୨ ଭାଇଙ୍କ ମୃତ୍ୟୁ

ଗଞ୍ଜାମ,୪।୩(ବିଦ୍ୟାଧର ସାହୁ) ରମ୍ଭା ଥାନା ଅନ୍ତର୍ଗତ ରାମଗଡ଼ ପଞ୍ଚାୟତର ଅରୁଣପୁର ଗ୍ରାମରେ ଦୁଇ ଦିନରେ ଗୋଟିଏ ପରିବାରର ଦୁଇ ଭାଇଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ୨୪ ଘଣ୍ଟାର ବ୍ୟବଧାନରେ ୨ ଭାଇଙ୍କ ସମାନ ଢଙ୍ଗରେ ମୃତ୍ୟୁ ଘଟଣା ବର୍ତ୍ତମାନ ଆଲୋଚନାର କାରଣ ପାଲଟିଛି। ମୃତକମାନେ ହେଲେ ସତ୍ୟ ନାରାୟଣ ପ୍ରଧାନ (୪୮) ଓ ତାଙ୍କ ସାନ ଭାଇ ରମେଶ ପ୍ରଧାନ(୩୮)। ପ୍ରାପ୍ତ ସୂଚନା ଅନୁଯାୟୀ ରାଜସ୍ଥାନରେ କାର୍ଯ୍ୟରତ ସତ୍ୟ ନାରାୟଣ ପ୍ରଧାନ (୪୮) ସାନ ଭାଇ ଝିଅର ବିବାହ ଭୋଜିରେ ଯୋଗ ଦେବା ପାଇଁ ଗୁରୁବାର ନିଜ ଗ୍ରାମ ଅରୁଣପୂର ଆସିଥିଲେ। ଶୁକ୍ରବାର ସାନ ଭାଇ ଝିଅର ନିର୍ବନ୍ଧରେ ଯୋଗଦେବାକୁ ହୁମ୍ମା ନିକଟସ୍ଥ କଳା ଯମୁନା ଗ୍ରାମକୁ ନିଜର ପରିବାର ଓ ବନ୍ଧୁ ବାନ୍ଧବଙ୍କ ସହ ଯୋଗ ଦେବା ପାଇଁ ଯାଇଥିଲେ। ସେଠୁ ଘରକୁ ଆସିବା ପରେ ରାତିରେ ବାନ୍ତି ହୋଇଥିଲା। ପରିବାର ଲୋକେ ପ୍ରଥମେ ହୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ର, ଛତ୍ରପୁର ଓ ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତା ପରଦିନ ମଝିଆ ଭାଇର ମୃତ୍ୟୁ ଖବର ଦେବା ପାଇଁ ସାନ ଭାଇ ରମେଶ ପ୍ରଧାନ(୩୮) ନିଜ ବାଇକ୍ ଯୋଗେ ବନ୍ଧୁ ବାନ୍ଧବ ନିକଟକୁ ଯାଇ ରାତିରେ ଫେରିଥିଲେ। କିନ୍ତୁ ମଝିଆ ଭାଇଙ୍କ ପରି ରାତିରେ ସେ ସାମାନ୍ୟ ଅସୁସ୍ଥତା ଅନୁଭବ କରିବାରୁ ସଙ୍ଗେ ସଙ୍ଗେ ତାଙ୍କୁ ମେଡ଼ିକାଲ ନିଆଯାଇଥିଲା। କିନ୍ତୁ ବ୍ରହ୍ମପୁର ବଡ଼ ମେଡିକାଲରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ବିଷାକ୍ତ ଖାଦ୍ୟ କିମ୍ବା ନକଲି ମଦ ମୃତ୍ୟୁର କାରଣ ହୋଇଥାଇ ପାରେ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏ ସମ୍ପର୍କରେ ରମ୍ଭା ଥାନା ସେକେଣ୍ଡ ଅଫିସର ବିମଳ କହଁରଙ୍କୁ ପଚାରିବାରୁ ସେମିତି କିଛି ଅଭିଯୋଗ ହୋଇନଥିବା ସୂଚନା ଦେଇଛନ୍ତି।

# ଅପମିଶ୍ରିତ ଆଚାର କାରଖାନାରେ ଚଢ଼ାଉ


କାରଖାନାରେ ଯାଞ୍ଚ କରାଯାଉଛି।

ବ୍ରହ୍ମପୁର, ୪।୩(ସୁବାସ ଚନ୍ଦ୍ର ପାଢ଼ୀ) ସ୍ଥାନୀୟ ପାଣିଗ୍ରାହୀପେଣ୍ଠ ଠାରେ ଥିବା ଏକ ଆଚାର ପ୍ରସ୍ତୁତି ୟୁନିଟରେ ସୋମବାର ରାତି ପ୍ରାୟ ୮ଟାରେ ବଡ଼ବଜାର ଥାନା ପୋଲିସ ଚଢ଼ାଉ କରିଛି । ବଡ଼ବଜାର ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ଓ ତାଙ୍କ ଟିମ ସେଠାରୁ ବିପୁଳ ପରିମାଣର ନକଲି ଆଚାର ଜବତ କରିଛନ୍ତି। ଚଢ଼ାଉ ଜାରି ରହିଥିବାରୁ କେତେ ପରିମାଣର ଆଚାର ଓ କେଉଁ ବ୍ରାଣ୍ଡରେ ଆଚାର ପ୍ରସ୍ତୁତ କରାଯାଇଛି, ତାହା ସ୍ପଷ୍ଟ ହୋଇପାରିନାହିଁ ବୋଲି ପୋଲିସ କହିଛି। ପୂର୍ବରୁ ଗତ ବର୍ଷକ ତଳେ ବଡବଜାର ପୋଲିସ ନକଲି ମସଲାଗୁଣ୍ଡ , ହଳଦୀ ଗୁଣ୍ଡ, ଚା' ପତି, ଘିଅ , ଟମାଟୋ ସସ ଆଦି ଜବତ କରିଥିଲା। ଏଥିରେ ପୋଲିସ ବହୁ ଅସାଧୁ ବେପାରୀ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ବିଧାୟକଙ୍କ ମାରାଥନ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ

ଛତ୍ରପୁର,୪।୩(ଦିଲୀପ ସାମଲ): ଛତ୍ରପୁର ବ୍ଲକ ବଉଳଗାଁ ପଞ୍ଚାୟତରେ ସୋମବାର ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ବିଭିନ୍ନ ପ୍ରକଳ୍ପର ଉନ୍ନତୀକରଣ ଓ ନିର୍ମାଣ ନିମନ୍ତେ ମାରାଥନ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରଥମେ ରୁକ୍ମଣୀଗାଁ ଗୋପୀନାଥ ସ୍ୱାମୀ ମନ୍ଦିରର ମରାମତି ଓ ଉନ୍ନତୀକରଣ ନିମନ୍ତେ ଭିତ୍ତି ସ୍ଥାପନ କରାଯାଇଥିଲା। ପରେ ବଉଳଗାଁ ଛକ ନିକଟ ତ୍ରିନାଥ ମନ୍ଦିର ରୂପାନ୍ତରୀକରଣ ନିମନ୍ତେ ଭିତ୍ତି ସ୍ଥାପନ କରାଯାଇଛି। ସେହିପରି ବଉଳଗାଁ କଲ୍ୟାଣେଶ୍ୱର ଯୁବକେନ୍ଦ୍ର ଓ ତେରସ୍ଥାନ ତାଲୁକା କୈବର୍ତ୍ତ କୁଳଗୃହ ନିମନ୍ତେ ମଧ ବିଧାୟକ ବେହେରା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମରେ ଶରତ ପାଢ଼ୀ, ପୂର୍ବତନ ସୁରେନ୍ଦ୍ର ସେଠୀ, ସରୋଜିନୀ ମହାରଣା, ମାଳିକ ମହାରଣା, ରବୀନ୍ଦ୍ର ଦାସ, ଭ୍ରମରା ଦାସ, ବିପୁଲିଙ୍ଗି ସରପଞ୍ଚ ହିନା ସେଠି, ମହାନାଦପୁର ସରପଞ୍ଚ ରବୀନ୍ଦ୍ର ରାଉଳ, ପୋଟଲାମପୁର ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁଙ୍କ ସମେତ ବଉଳଗାଁ ପଞ୍ଚାୟତର ବହୁ ଭଦ୍ରବ୍ୟକ୍ତି ଓ ମିଶନ ଶକ୍ତିର ସଭ୍ୟାମାନେ ଉପସ୍ଥିତ ଥିଲେ।

# ବିଶାଖାପାଟଣା–ବ୍ରହ୍ମପୁର ପାସେଞ୍ଜର ଟ୍ରେନ ସମୟ ପରିବର୍ତ୍ତନ ଦାବି


ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବ୍ରହ୍ମପୁର,୪।୩(ସ୍ମୃତି ରଞ୍ଜନ ମହାଲିକ) ବିଶାଖାପାଟଣା–ବ୍ରହ୍ମପୁର ପାସେଞ୍ଜର ଟ୍ରେନ ବ୍ରହ୍ମପୁର ରେଲୱେ ଷ୍ଟେଶନରୁ ଛାଡିବା ସମୟ ପରିବର୍ତ୍ତନ ପାଇଁ ସଂସ୍କାରବାଦୀ ସଂଗଠନ ଦାବି କରିଛି। ଏ ନେଇ ସଂଘ ପକ୍ଷରୁ ଏକ ଦାବି ପତ୍ର ସୋମବାର ଷ୍ଟେଶନ ଅଧୀକ୍ଷକ ଶିବରାମ ଜାନିଙ୍କୁ ପ୍ରଦାନ କରାଯାଇଛି। ସେଥିରେ ଉଲ୍ଲେଖ ରହିଛି ଯେ, ଉକ୍ତ ପାସେଞ୍ଜର ଟ୍ରେନ ବ୍ରହ୍ମପୁର ଷ୍ଟେଶନରେ ରାତ୍ରି ୧୧ଟା ୧୦ରେ ପହଞ୍ଚୁଥିବା ବେଳେ ଭୋର ୩ଟା ୫୦ରେ ଛାଡିବା ନେଇ ସମୟ ନିର୍ଦ୍ଧାରଣ କରାଯାଇଛି। କିନ୍ତୁ ଏହି ସମୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ଯାତ୍ରୀଙ୍କୁ ଆସିବା କଷ୍ଟକର ହେଉଛି। ତେଣୁ ଯାତ୍ରୀଙ୍କ ସୁରକ୍ଷା ଓ ସୁଗମ ଯାତ୍ରା ପାଇଁ ପାସେଞ୍ଜର ଟ୍ରେନର ସମୟ ଭୋର ୫ଟା ୨୦ ନିର୍ଦ୍ଧାରଣ ପାଇଁ ସଂଘ ଦାବି କରିଛି। ଦାବି ପତ୍ର ପ୍ରଦାନ ସମୟରେ ସଂଘର ସଭାପତି ତ୍ରିନାଥ ମହାରଣା, ସଂପାଦକ ଅଶୋକ କୁମାର ଦାସ, ଯୁଗ୍ମ ସଂପାଦକ ରବୀନ୍ଦ୍ର କୁମାର ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ହାଇକୋର୍ଟ ନିର୍ଦ୍ଦେଶରେ ଅଭିଯୁକ୍ତଙ୍କ ଆତ୍ମସମର୍ପଣ

## ଯୁବକଙ୍କୁ ହତ୍ୟା ଉଦ୍ୟମ ମାମଲା

ବ୍ରହ୍ମପୁର, ୪।୩(ସୁବାସ ଚନ୍ଦ୍ର ପାଢ଼ୀ) ଜାନୁଆରୀ ୨୪ ତାରିଖରେ ଜଣେ ଯୁବକଙ୍କୁ ଜାତିଆଣ କଟୁ ମନ୍ତବ୍ୟ ଦେବା ସହ ହତ୍ୟା ଉଦ୍ୟମ କରାଯାଇଥିଲା। ସଦର ଥାନାରେ ଏ ନେଇ ନଂ. ୫୭/୨୪ରେ ଏକ ମାମଲା ହୋଇଥିଲା। ଉକ୍ତ ମାମଲାର ଜଣେ ଅଭିଯୁକ୍ତ ଆନନ୍ଦ ଗୌଡ଼ ଓରଫ ଅନ୍ଧ ସୋମବାର ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଗଞ୍ଜାମ ଜିଲା ଦୌରାଜଜ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ମୁଦାଲାଙ୍କ ପକ୍ଷରୁ ତାଙ୍କ ଓକିଲ କିଶୋର ସାହୁ ଏ ସମ୍ପର୍କିତ ସମସ୍ତ କାଗଜପତ୍ର କୋର୍ଟରେ ଦାଖଲ କରିବା ସହ ଜାମିନ ଆବେଦନ କରିଥିଲେ। ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ପିପି ତ୍ରିଲୋଚନ ପରିଡା ଓ ଏପିପି ରଜତ କୁମାର ଦାଶ ଉକ୍ତ ଜାମିନର ଦୃଢ଼ ବିରୋଧ କରିଥିଲେ। ଜିଲାଜଜ ଅନୁପସ୍ଥିତ ଥିବା ବେଳେ ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡ. ଅରୁଣ କୁମାର ସାହୁ ଏହାର ଶୁଣାଣି କରି ଉକ୍ତ ଜାମିନ ଆବେଦନ ଖାରଜ କରିଦେଇଛନ୍ତି।

ଗତ ଜାନୁଆରୀ ୨୪ ତାରିଖରେ ସଦର ଥାନା ନୂଆ ଅନନ୍ତେଇ ଗ୍ରାମର ସୁନୀଲ କୁମାର ନାୟକ ବାଇକରେ ବ୍ରହ୍ମପୁର ଆସୁଥିଲେ। ତାଙ୍କୁ ସୁକୁଣ୍ଡା ନିକଟରେ ୪ଜଣ ଅଟକାଇଥିଲେ। ସୁନୀଲଙ୍କୁ ସେମାନେ ଜାତିଆଣ କଟୁ ମନ୍ତବ୍ୟ ଦେବା ସହ ତାଙ୍କ ମୁଣ୍ଡକୁ ଖଣ୍ଡା ଚୋଟ ପକାଇଥିଲେ। ସୁନୀଲ ନିଜ ବାମ ହାତ ମୁଣ୍ଡ ପାଖରେ ରଖିଦେବାରୁ ତାଙ୍କ ପାପୁଲି କଟି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଏମକେସିଜି ମେଡିକାଲ ପଠାଇଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୂର୍ବଶତ୍ରୁତାରୁ ସୁନୀଲଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା ବୋଲି ପୋଲିସ କହିଥିଲା।

# ରାଜ୍ୟପାଳଙ୍କୁ ଭେଟିବ ମିଳିତ କ୍ରିୟାନୁଷ୍ଠାନ କମିଟି

ବ୍ରହ୍ମପୁର,୪।୩(ସ୍ମୃତି ରଞ୍ଜନ ମହାଲିକ) ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ସ୍ୱତନ୍ତ୍ର ବୈଠକ ସୋମବାର ବ୍ରଜନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସଭାପତି ସଞ୍ଜିବ କୁମାର ପଟ୍ଟନାୟକ ଅଧକ୍ଷତା କରିଥିଲେ। ହାଇକୋର୍ଟଙ୍କ ଆଦେଶ ପାଳନ କରିବାକୁ ଯାଇ ରାଜ୍ୟ ସରକାର ଲୋଚାପଡା ପଞ୍ଚାୟତ ତଥା ସାନକୁଶସ୍ଥଳୀ, ବ୍ରହ୍ମାପଲୀ ଓ ଗୋଳାବନ୍ଧ ଆର୍ମି ଏଡି କଲେଜ ଆଦି ଅଞ୍ଚଳକୁ ବ୍ରହ୍ମପୁର ମହାନଗର ନିଗମ (ବିଏମସି)ରେ ସାମିଲ କରିବା ନେଇ ବିଜ୍ଞପ୍ତି ପ୍ରକାଶ କରିଥିଲେ। କିନ୍ତୁ ଏବେ ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇନାହିଁ। ଏ ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବା ବଦଳରେ ଚୁପ ବସିଥିବା କମିଟି ଅଭିଯୋଗ କରିଛି। ବୈଠକରେ କଂଗ୍ରେସର ଦଳର ବରିଷ୍ଠ ନେତା ଶମ୍ଭୁ ପାଣିଗ୍ରାହୀ ଯୋଗ ଦେଇ କମିଟିର ଦାବିକୁ ସମର୍ଥନ କରିଥିଲେ। ଏ ନେଇ କଂଗ୍ରେସ ଆନ୍ଦୋଳନ କରିବ ବୋଲି ସେ କହିଥିଲେ। ଆଗାମୀ ଦିନରେ କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ଉକ୍ତ ପ୍ରସଙ୍ଗରେ ଅବଗତ କରାଇବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। କମିଟିର ଯୁଗ୍ମ ସଂପାଦକ ଟି. ସୁଦେଶ କୁମାର ପାତ୍ର, ସହ ସଂପାଦକ ବି.ଭି ସାଗର, ସଂଗଠନ ସଂପାଦକ ଶ୍ରୀକାନ୍ତ ପଢିହାରୀଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ କମିଟିର ସଦସ୍ୟବୃନ୍ଦ।

**ସଂକ୍ଷେପରେ**

## ବିଜୁ ଜୟନ୍ତୀ ପାଳନ କଲେ ରିନା ଦେବୀ



ପୋଲସରା,୪।୩(ସୁବ୍ରତ ବେହେରା)

ମଙ୍ଗଳବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ରହିଥିବା ବେଳେ ପୋଲସରାରେ ଦିନକ ପୂର୍ବରୁ ସୋମବାର ବିଜେଡିରୁ ବିଧାୟିକା ଆଶାୟୀ ପ୍ରାର୍ଥୀ ତଥା ରାଷ୍ଟ୍ରୀୟ ନାରୀ ସମାଜ ଓବିସି ମୋର୍ଚ୍ଚାର ସଭାନେତ୍ରୀ ରିନା ରାଣୀ ଦେବୀ ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ କ୍ଷୀରରେ ସ୍ନାନ କରିଛନ୍ତି । ରିନାଙ୍କ ନେତୃତ୍ୱରେ ଶତାଧିକ ମହିଳା ଲୁଣିଘାଟି ପଡ଼ିଆଠାରୁ ଏକ ଶୋଭାଯାତ୍ରାରେ ବାହାରି ରାଣିପଡ଼ା ଛକରେ ପହଞ୍ଚିଥିଲେ। ପରେ ମୁଖ୍ୟ ବସଷ୍ଟାଣ୍ଡଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିକୁ ରିନାରାଣୀ କ୍ଷୀରରେ ସ୍ନାନ କରିଥିଲେ ।

## ପଞ୍ଚମ ଦିନରେ ବିଜେଡିର ପରିବାର ସମ୍ପର୍କ ଅଭିଯାନ

ଜି.ଉଦୟଗିରି,୪।୩ (ଶିଶିର ପଟ୍ଟନାୟକ)

ବିଜେଡି ତରଫରୁ ତୃଣମୂଳ ସ୍ତରରୁ ଦଳକୁ ଅଧିକ ମଜଭୂତ ଏବଂ ବ୍ୟାପକ କରିବାକୁ ପରିବାର ସମ୍ପର୍କ ଅଭିଯାନରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଜାରି ରହିଛି। ଏହି କ୍ରମରେ ସୋମବାର ପଞ୍ଚମ ଦିନରେ ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ ନମ୍ବର ୫ ଏବଂ ୬ ରେ ପରିବାର ସମ୍ପର୍କ ଅଭିଯାନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ନଗର ସଭାପତି ପି. ସଞ୍ଜିବ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ଏନ୍ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ନଗର ମହିଳା ସଭାନେତ୍ରୀ କୃତାଞ୍ଜଳି ନାୟକ, ବିଧାୟକ ପ୍ରତିନିଧି ଅନିଲ ଦଳବେହେରା, କାଉନସିଲର ମୋନାଲିସା ଦଳବେହେରା, ସିଦ୍ଧେଶ୍ୱରୀ ନାୟକ, ଭାରତୀ ବେହେରା, ଲକ୍ଷ୍ମୀପ୍ରିୟା ପରିଚ୍ଛା, ନନ୍ଦିତା ପ୍ରଧାନ, ଦୀପକ କୁମାର ନାୟକଙ୍କ ସମେତ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ।

## ଗୋଷ୍ଠୀ ଶୌଚାଳୟ ଉଦ୍‌ଘାଟନ

ରାଇକିଆ,୪।୩(ପ୍ରଦୀପ ବେହେରା)

ରାଇକିଆ ପଞ୍ଚାୟତ ପକ୍ଷରୁ ସ୍ଥାନୀୟ ବସ ଷ୍ଟାଣ୍ଡଠାରେ ନିର୍ମାଣ କରାଯାଇଥିବା ଗୋଷ୍ଠୀ ଶୌଚାଳୟକୁ ସୋମବାର ସରପଞ୍ଚ ଗୀତାଞ୍ଜଳୀ ନାୟକଙ୍କ ଦ୍ୱାରା ଶୁଭ ଉଦ୍‌ଘାଟନ କରାଯାଇଛି। ବସ ଷ୍ଟାଣ୍ଡକୁ ପ୍ରତ୍ୟେକ ଦିନ ବହୁ ଯାତ୍ରୀଙ୍କ ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଯିବା ଆସିବା ପାଇଁ ସମାଗମ ହୋଇଥାଏ। ଯାତ୍ରୀଙ୍କ ସୁବିଧା ଦୃଷ୍ଟିକୁ ରଖି ପଞ୍ଚାୟତ ତରଫରୁ ସର୍ବ ସାଧାରଣଙ୍କ ପାଇଁ ଏକ ନୂତନ ଶୌଚାଳୟ ନିର୍ମାଣ କରାଯାଇଛି। ଏବେ ଯାତ୍ରୀଙ୍କ ସୁବିଧା ହେବ। ନାଏବ ସରପଞ୍ଚ ନିଥୟଲ ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଲୋକନାଥ ପଟ୍ଟନାୟକ, ୱାର୍ଡ଼ ସଭ୍ୟସଭ୍ୟାଙ୍କ ସହ ପଞ୍ଚାୟତ କର୍ମଚାରି ଉପସ୍ଥିତ ଥିଲେ।

# ଲାଭ ଦେଉଛି କ୍ୟାପସିକମ୍ ଚାଷ

ଫୁଲବାଣୀ, ୪।୩(ରାକେଶ କୁମାର ରାଉତ)

ବଣ ଜଙ୍ଗଲ ଓ ପର୍ବତ ପାହାଡ ଘେରା କନ୍ଧମାଳ ଜିଲା । ହଳଦୀ, ଅଦା ଓ ଶୋରିଷ ପାଇଁ ଏହି ଜିଲାର ଖ୍ୟାତି ଦେଶ ବିଦେଶରେ ରହିଛି। ଏବେ ଜିଲାରେ ଡ୍ରାଗନ ଫ୍ରୁଟ, ଷ୍ଟ୍ରବେରି ଚାଷ ପରେ ବର୍ତ୍ତମାନ କ୍ୟାପସିକମ୍ (ଶିମ୍ଲା ଲଙ୍କା) ଚାଷ ବେଶ ଚର୍ଚ୍ଚାକୁ ଆସିଛି । ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡ଼ିଏ) ପକ୍ଷରୁ ଆରମ୍ଭ କରାଯାଇଛି ଏହି ଚାଷ । ପରୀକ୍ଷା ମୂଳକ ଭାବେ ଫୁଲବାଣୀ, ଫିରିଙ୍ଗିଆ ଓ ଖଜୁରିପଡା ବ୍ଲକର ୧୦ ଏକର ଜାଗାରେ ଏହି ଚାଷ କରାଯାଇଛି । ଆଇଟଇଏ ପକ୍ଷରୁ ଚାଷୀଙ୍କୁ ତାଲିମ ଦିଆଯାଇ ମି, ସାର ଓ ଔଷଧ ସହିତ ଜ୍ଞାନ କୌଶଳ ଯୋଗାଇ ଦିଆଯାଇଛି।

ବିଶେଷ କରି ଥଣ୍ଡା ଜଳବାୟୁରେ ଏହି ଚାଷ ହୋଇଥାଏ । କନ୍ଧମାଳ ଜିଲାର ଜଳବାୟୁ ଥଣ୍ଡା ହୋଇଥିବାରୁ ଫୁଲବାଣୀ ଆଇଟିଡ଼ିଏ ପକ୍ଷରୁ ପରୀକ୍ଷା ମୂଳକ ଭାବେ ଏହି ଚାଷ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରୟାସ କରାଯାଇଛି । ସରକାରଙ୍କ ଜୀବିକା ମିଶନ ଜରିଆରେ ଫୁଲବାଣୀ, ଫିରିଙ୍ଗିଆ ଓ ଖଜୁରିପଡା ବ୍ଲକର ୮୦ ଜଣ ଚାଷୀଙ୍କୁ ଚୟନ କରାଯାଇ ସେମାନଙ୍କୁ ତାଲିମ ଦିଆଯାଇଛି । କ୍ୟାପସିକମ୍ ଏକ ଲାଭ ଜନକ ଫସଲ ହୋଇଥିବାରୁ ଚାଷୀମାନେ ମଧ୍ୟ ଆକୃଷ୍ଟ ହୋଇ ଏହି ଚାଷ କରିଛନ୍ତି । କ୍ୟାପସିକମ ଚାଷ ପାଇଁ ଗତ ଅକ୍ଟୋବର ମାସରେ ଜମିକୁ ହଳ କରି ସେଥିରେ ଜୈବିକ ଖତ ପକାଇ ପ୍ରସ୍ତୁତ କରାଯାଏ । ଏହାପରେ ଏକ ଫୁଟ ଅନ୍ତରରେ ଧାଡି ଧାଡି କରି ମଞ୍ଜିକୁ ପୋତାଯାଏ । ୧୫ ଦିନ ପରେ ଗଛ ଟିକେ ବଡ ହୋଇସାରିଲା ପରେ କୋଡ଼ ଖୋସା କରି ଜମିରେ ହୁଡା ବନ୍ଧାଯାଏ । ପ୍ରତି ସପ୍ତାହରେ ପାଣି ଦିଆଯାଏ । ତିନି ମାସ ପରେ ଗଛରେ ଫୁଲ ଆସେ । ଫୁଲ ଆସିଲେ ଗଛରେ ପୁଣି ସାରା ଦିଆଯାଏ। ଜାନୁୟାରୀରୁ ମାର୍ଚ୍ଚ ମାସ ଯାଏ ଗଛରେ ଫଳ ଆସେ । ଏବେ ପ୍ରଥମ ପର୍ଯ୍ୟାୟରେ ଫଳ ଆସିଲାଣି । ଆଉ କିଛି ଦିନ ପରି ବିକ୍ରି ହେବ । ଆଗରୁ ଆମେ ଏହି ଚାଷ ବିଷୟରେ ଜାଣି ନ ଥିଲୁ । ଆଇଟିଡିଏ ପକ୍ଷରୁ ଆମକୁ ଏହି ଚାଷ ବିଷୟରେ ତାଲିମ ମିଳିଛି। ଆଗରୁ ଅନ୍ୟ ଚାଷ କୋବି, ଲଙ୍କା, ବାଇଗଣ ଆଦି ଚାଷ କରୁଥିଲୁ। ଏବେ ସେମାନଙ୍କ ତତ୍ତ୍ୱାବଧାନରେ କ୍ୟାପସିକମ୍ ଚାଷ କରିଛୁ। ଏ ବର୍ଷ ଭଲ ଫସଲ ହୋଇଛି। ଆମେ ଫୁଲବାଣୀ ବଜାରରେ ଏହାକୁ କିଲୋ ପିଛା ୭୦ରୁ ୮୦ ଟଙ୍କାରେ ବିକିଛୁ । ଆଗାମୀ ଦିନରେ ନିଶ୍ଚିତ ଏହି ଚାଷ କରିବୁ ବୋଲି ପ୍ରାଡିପଦର ଗ୍ରାମର ଚାଷୀ ସରସ କହଁର, ପ୍ରମୋଦ କହଁର ପ୍ରମୁଖ ପ୍ରକାଶ କରିଛନ୍ତି।



ଜମିରୁ କ୍ୟାପସିକମ୍ ତୋଳୁଛନ୍ତି ଚାଷୀ ।

# ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି



ଅଭିଯୋଗ ଶୁଣାଣି ଚାଲିଛି।

ପାରଳାଖେମୁଣ୍ଡି,୪।୩(ଗିରିଧାରୀ ପରିଚ୍ଛା)

ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ. କୁମାର, ଜିଲା ବନଖଣ୍ଡ ଅଧିକାରୀ ଏସ.ଆନନ୍ଦ, ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସ ଯୋଗଦେଇଥିଲେ। ଶିବିରରେ ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, କତଳକଇଠା, ବାଘଶାଳ, ରାଣୀପେଣ୍ଟ ଓ ସିଧାମାଡ଼ଙ୍ଗ ପଞ୍ଚାୟତରୁ ସାମାଜିକ ସୁରକ୍ଷା,ଜମି ପଟ୍ଟା, ମୋ ଘର ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଗୃହ ନିର୍ମାଣ, ରାଶନ୍ କାର୍ଡ, ଶିକ୍ଷା, ଜଳସେଚନ, ରାସ୍ତା ଆଦି ସମସ୍ୟା ନେଇ ମୋଟ ୧୩୨ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୧୧୨ଟି, ଗ୍ରାମ ଭିତ୍ତିକ ସମସ୍ୟା ୨୦ଟି ରହିଥିଲା। ୩୯ଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି। ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୩୦ ହାଜର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରଦୀପ କୁମାର ପାତ୍ର ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଛେଳିଗଡ଼ ପ୍ରକଳ୍ପ କ୍ଷତିଗ୍ରସ୍ତଙ୍କ ଦାବିପତ୍ର ପ୍ରଦାନ

ପାରଳାଖେମୁଣ୍ଡି,୪।୩(ଗିରିଧାରୀ ପରିଚ୍ଛା)

ଆର. ଉଦୟଗରି ବ୍ଲକ ଛେଳିଗଡ଼ ଛେଳିଗଡ ଜଳସେଚନ ପ୍ରକଳ୍ପ ପାଇଁ ବିସ୍ଥାପିତ ହୋଇଥିବା ଛେଳିଗଡ ଗ୍ରାମର ଶତାଧିକ ଗ୍ରାମବାସୀ ସୋମବାର ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଛେଳିଗଡ ଜଳସେଚନ ପ୍ରକଳ୍ପ ସରକାରଙ୍କର ଏକ ଜନହିତକର ପଦକ୍ଷେପ। ବହୁ ପରିବାର ଏଥିପାଇଁ ନିଜ ନିଜ ବାସଗୃହ, ଚାଷ ଜମି ହରାଇଥିଲେ। ସରକାର ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେଇ ନୂତନ ସ୍ଥାନରେ ଥଇଥାନ କରିଛନ୍ତି, କିନ୍ତୁ ବର୍ତ୍ତମାନ ସୁଦ୍ଧା ଭାଗଚାଷୀ, ଦିନ ମଜୁରିଆ, ପଶୁପାଳକ ଓ ବ୍ୟବସାୟୀମାନଙ୍କ ଜୀବନ ଜୀବୀକା ନିମନ୍ତେ କୌଣସି ପ୍ରକାର ପଦକ୍ଷେପ ନେଇନାହାନ୍ତି। ଯାହାଫଳରେ ଛେଳିଗଡ ଜଳ ପ୍ରକଳ୍ପ ର୍ନିମାଣ ପରେ ସେମାନଙ୍କ ଜୀବନଜୀବିକା ଏକ ପ୍ରକାର ଅନ୍ଧକାରକୁ ଚାଲିଯାଇଛି। ସେମାନେ ଲିଖିତ ଅଭିଯୋଗ କରିଛନ୍ତି ଯେ, ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳର ପ୍ରାୟ ୧୨୦ହେକ୍ଟରରୁ ଉର୍ଦ୍ଧ୍ୱ ଚାଷଜମି ଗୋଚର ଜମି ଜଳମଗ୍ନ ହେବ। ୧୨୦୦ରୁ ଉର୍ଦ୍ଧ୍ୱ ପରିବାର ବିସ୍ଥାପିତ ହୋଇ ଜୀବନଜୀବିକା ହରାଇ ପରୋକ୍ଷରେ କ୍ଷତିଗ୍ରସ୍ତ ହେବେ। ତେଣୁ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ପରିବାରକୁ ତାଲିକା ଭୁକ୍ତ କରିବା ସହ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି କରାଯାଇଛି।



ଜମିରୁ ଶିମ୍‌ଲା ଲଙ୍କା ତୋଳୁଛନ୍ତି ଚାଷୀ ।

## କାଳୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଖଜୁରିପଡ଼ା,୪।୩(ବିଦୁର ବେହେରା):

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ପଞ୍ଚାୟତ ଅଧିନ ନବଗୁବା ଗ୍ରାମରେ କେଉଁ ଅନାଦି କାଳରୁ ବା ବା ବାଲୁଙ୍କେଶ୍ୱର ପୂଜା ପାଇ ଆସୁଛନ୍ତି। ଏହା ଏକ ପ୍ରତ୍ୟକ୍ଷ ଶୈବ ପୀଠ ।ମାନସିକ ଧାରୀଙ୍କ ମାନସିକ ପୂରଣ ହେଉନଥିବାରୁ ଭକ୍ତଙ୍କ ଭିଡ଼ ଲାଗିରହିଥାଏ। ଏହି ପରିପ୍ରେକ୍ଷୀରେ ଆମ ଓଡ଼ିଶା ନବିନ ଓଡ଼ିଶା ମାଧ୍ୟମରେ ଓଡ଼ିଶା ସରକାର ବାବା ବାଲୁଙ୍କେଶ୍ୱର ମନ୍ଦିରର ଉନ୍ନତି କରଣ ଏବଂ କାଳୀ ମନ୍ଦିର ନିର୍ମାଣ ପାଇଁ ୮ ଲକ୍ଷ ଟଙ୍କା ଅନୁମୋଦନ କରିଥିଲେ। ଏହି ଟଙ୍କାରେ ମନ୍ଦିର ନିର୍ମାଣ ହେବା ପରେ ଶୁକ୍ରବାରଠାରୁ ୩ ଦିନ ଧରି କାଳୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି। ଶୁକ୍ରବାର କଳସ ଯାତ୍ରା କରାଯାଇଥିବା ବେଳେ ଶନିବାର ଦିନ ଦଣ୍ଡକାଳୀ ମନ୍ଦିରର ରତ୍ନମୁଦ ଏବଂ ପ୍ରତିଷ୍ଠା କରାଯାଇଛି ।ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଅନିମା କହଁର ,ସରପଞ୍ଚ ଅମ୍ବିକା କହଁର,ସମିତି ସଭ୍ୟ ବିବାନ ଗଣ୍ଡା,ୱାର୍ଡ ମେମ୍ବର ମନୋରଞ୍ଜନ ନାୟକ,ଜିଲ୍ଲା ପରିଷଦ ସଭ୍ୟା ମମତା ମଲ୍ଲିକ ପ୍ରମୁଖ ଯୋଗ ଦେଇ ମନ୍ଦିରର ଶୁଭ ଉଦ୍‌ଘାଟନ କରିଥିଲେ। ରବିବାର ଆଚାର୍ଯ୍ୟ ଙ୍କ ଦାରା ପୂଜା ପାଠ କରି ବିଗ୍ର ସ୍ଥାପନ କରାଯାଇଥିଲା। ବ୍ରାହ୍ମଣ ନାରାୟଣ ଆଚାର୍ଯ୍ୟ, ଜଗନ୍ନାଥ ଆଚାର୍ଯ୍ୟ ବେଦ ମନ୍ତ୍ର ପାଠ କରିଥିବା ବେଳେ ପୂଜାରୀ ବିରଞ୍ଚି ମହାପାତ୍ର, କାର୍ତ୍ତିକ ମହାପାତ୍ର ପୂଜା କରିଥିଲେ ।

## ୯ରେ ଲୋକ ଅଦାଲତ

ଫୁଲବାଣୀ, ୪।୩(ରାକେଶ କୁମାର ରାଉତ)– ଜିଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ଜିଲା କୋର୍ଟ ପରିସରରେ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଆସନ୍ତା ୯ ତାରିଖରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା, ଅନ୍ୟାନ୍ୟ ଦେୱାନୀ ମକଦ୍ଦମାରସମାଧାନ କରାଯାଇ ପାରିବ। ସେହିପରି ପ୍ରାକ୍–ମକଦ୍ଦମା ସ୍ତରୀୟ ମାମଲାର ମଧ୍ୟ ବିଚାର ହେବ ବୋଲି ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ କହିଛନ୍ତି।

## ରାସ୍ତା, ବିଜୁଳି ଆଲୁଅ ଓ ପାନୀୟ ଜଳ ଦାବିରେ ଧାରଣା ଜାରି

# ଅଭିଭାବକଙ୍କ ସହ ସାମିଲ ହେଲେ ପିଲା



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ଭଞ୍ଜନଗର,୪।୩(ବାବୁଲା ପ୍ରଧାନ)

ଗାଁକୁ ରାସ୍ତା, ବିଜୁଳି ଆଲୁଅ ଓ ପାନୀୟ ଜଳ ଦାବି ନେଇ ଜଗନ୍ନାଥପ୍ରସାଦ ବ୍ଲକର ଆଦିବାସୀ ଗାଁ ତାଳଖମଣ, ମଣ୍ଡାପଥର ଓ ଡାଙ୍ଗିଭୂଇଁ ଅଞ୍ଚଳବାସୀ ୮ଦିନ ହେଲା ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିବାରାତ୍ର ଧାରଣା ଦେଇଛନ୍ତି। ଅଭିଭାବକମାନେ ଧାରଣା ଜାରି ରଖିଥିବା ବେଳେ ପିଲାମାନେ ଗାଁରେ ରହୁଥିଲେ। ତେବେ ୮ମ ଦିନରେ ପିଲାମାନେ ସେମାନଙ୍କ ମା’ ବାପାଙ୍କୁ ଭେଟିବାକୁ ଆନ୍ଦୋଳନରେ ସାମିଲ ହୋଇଥିଲେ। ପିଲାଙ୍କ ସହ ଅଭିଭାବକମାନେ ବସଷ୍ଟାଣ୍ଡରୁ ଶୋଭାଯାତ୍ରା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଦାବି ନ ହେବା ଯାଏ ଆନ୍ଦୋଳନ ଚାଲିବ ବୋଲି ସେମାନେ କହିଛନ୍ତି।

# ମୋହନାକୁ ଏନ୍‌ଏସି ମାନ୍ୟତା ଦାବି ଜୋର୍ ଧରିଲା



ମୋହନା,୪।୩(ମନ୍ମଥ ମିଶ୍ର)

ମୋହନାକୁ ଏନ୍‌ଏସି ମାନ୍ୟତା ଦାବି ଜୋର ଧରିଛି। ଏଥିପାଇଁ ସ୍ଥାନୀୟ ବିଭିନ୍ନ ସଙ୍ଗଠନ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ମୋହନା ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମିଳନୀରେ ଏହି ସୂଚନା ଦିଆଯାଇଛି। ଗତ କିଛିଦିନ ତଳେ ରାଜ୍ୟ ସରକାର ରାଜ୍ୟର ୩୫ଟି ନୂଆ ଏନଏସି ଓ ୫ଟି ପୌର ପରିଷଦ ଘୋଷଣା କରିଛନ୍ତି। ମୋହନାକୁ ଏନଏସି ମାନ୍ୟତା ପାଇଁ ଉନ୍ନୟନ ପରିଷଦ, ଏମକେସିଜି ଯୁବକ ସଂଘ, ନୀଳକଣ୍ଠେଶ୍ୱର ବଣିକ ସଂଘ, ଗଣେଶ ବଣିକ ସଂଘ, ସାମ୍ବାଦିକ ସଂଘ, ଓକିଲ ସଂଘ, ମହିଳା ସଂଘ, ଜନପ୍ରତିନିଧି ଓ ବୁଦ୍ଧିଜୀବୀ ବହୁତ ଦିନ ହେଲା ଦାବି କରି ଆସୁଥିଲେ ମଧ୍ୟ ଏନଏସି ଘୋଷଣା ନ ହେବା ଯୋଗୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଗାମୀ ନିର୍ବାଚନ ପୂର୍ବରୁ ଯଦି ସରକାର ମୋହନାକୁ ଏନ୍‌ଏସିର ମାନ୍ୟତା ନ ଦେଲେ ଭୋଟ ବର୍ଜନ କରାଯିବ ବୋଲି କହିଛନ୍ତି । ଏଥିପାଇଁ ଆସନ୍ତା ୬ ତାରିଖରେ ମୋହନାରେ ଏକ ସମାବେଶ ସହ ସ୍ଥାନୀୟ ହାଇସ୍କୁଲ ଠାରୁ ବ୍ଲକ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରାଯାଇ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତି ନିଆଯାଇଥିବା ମିଳିତ ମଞ୍ଚ କହିଛି। ଖବରଦାତା ସମ୍ମିଳନୀରେ ଉନ୍ନୟନ ପରିଷଦ ସଭାପତି, ସମ୍ପାଦକ ରସାନନ୍ଦ ପାଣି, ଉପଦେଷ୍ଟା ମଧୁସୂଦନ ପାଢ଼ୀ, ଭିକାରି ବେହେରା, ଲକ୍ଷ୍ମଣ ଚୌଧୁରୀ, ଯୁବକ ସଂଘ ସମ୍ପାଦକ ଜିତେନ୍ଦ୍ର ବେହେରା, ବିଭୂଚରଣ ମଲିକ ଉପସ୍ଥିତ ଥିଲେ।

# ୧୯୬ ଅଭିଯୋଗର ଶୁଣାଣି

ଛତ୍ରପୁର,୪।୩(ଦିଲୀପ ସାମଲ):

ସ୍ଥାନୀୟ ଜଉଗଡ ସମ୍ମିଳନୀ କକ୍ଷଠାରେ ଗଞ୍ଜାମ ଅତିରିକ୍ତ ଜିଲାପାଳ ଓ ଗଞ୍ଜାମ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁର ଉପଖଣ୍ଡ ସମେତ ଜିଲାର ବିଭିନ୍ନ ଅଞ୍ଚଳର ଜନ ସାଧାରଣ ଯୋଗଦେଇ ସେମାନଙ୍କ ଅଭିଯୋଗଗୁଡିକ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କ ସହିତ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ମୁଖ୍ୟତଃ ବାର୍ଦ୍ଧକ୍ୟ ଭତ୍ତା, ପାନୀୟ ଜଳ ସମସ୍ୟା, ଆବାସ ଗୃହ ଯୋଗାଇବା, ରାଶନ କାର୍ଡ ଆଦି ବିଭିନ୍ନ ଅଭିଯୋଗ ଆସିଥିଲା। ଅତିରିକ୍ତ ଜିଲାପାଳ ପ୍ରମୋଦ କୁମାର ପୃଷ୍ଟି ଓ ଗଞ୍ଜାମ ଏସପି ଜଗମୋହନ ମୀନା ଶିବିରରେ ଉପସ୍ଥିତ ରହି ମୋଟ ୧୯୬ଟି ଅଭିଯୋଗର ଶୁଣାଣି କରିଥିଲେ । ସେଥିମଧ୍ୟରୁ ୧୮ଟି ବ୍ୟକ୍ତିଗତ ଓ ୧୭୮ ଟି ସାମୁହିକ ଅଭିଯୋଗ ରହିଥିଲା। କେତେକ ଅଭିଯୋଗର ଆଶୁ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଏହି ଅବସରରେ ୨ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅଭିଯୋଗ ଶୁଣାଣିରେ ଛତ୍ରପୁର ଏସଡିପିଓ ଗୌରହରି ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ସିମନବାଡି, ବ୍ରାହ୍ମଣୀଗାଁରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



ଦାରିଙ୍ଗବାଡି,୪।୩ (ଅରୁଣ ସାହୁ )

ବାରମ୍ବାର ଦାବି ପରେ ସିମନବାଡି ଓ ବ୍ରାହ୍ମଣୀଗାଁ ଅଞ୍ଚଳରେ ଦୁଇଟି ସଂଖ୍ୟାଲଘୁଙ୍କ ପାଇଁ ଗୋଷ୍ଠୀଗୃହ ନିର୍ମାଣ କରାଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। କନ୍ଧମାଳ ଜିଲାର ୧୨ ବ୍ଲକରେ ଏହି ଗୋଷ୍ଠୀଗୃହ ନିର୍ମାଣ କରାଯିବା ବୋଲି ସୋମବାର ଭିତ୍ତିପ୍ରସ୍ତର ବେଳେ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ସୂଚନା ଦେଇଛନ୍ତି। ଏହି ଅବସରରେ ସିମନବାଡି ସିଏନ୍‌ଆଇ ଚର୍ଚ୍ଚ ପରିସରରେ ଏକ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାନସଭାର ଉପବାଚସ୍ପତି ସାଲୁଗା ପ୍ରଧାନ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର କରିଥିବା ବେଳେ ଅନ୍ୟତମ ଅତିଥିଭାବେ କନ୍ଧମାଳ ଏମ୍‌ପି, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ସରପଞ୍ଚ ଅମିତା ପ୍ରଧାନ, ଜିଲାପରିଷଦ ସଦସ୍ୟ ରଞ୍ଜନ କୁମାର ପ୍ରଧାନ ଓ ଜି. ଉଦୟଗିରି ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ କ୍ଳେଶ ପ୍ରଧାନ, ସମିତିସଭ୍ୟ ସାଧୁ ନାୟକ, ଟିଡିସିସିଓଏଲର ରାଜ୍ୟ ଉପାଧ୍ୟକ୍ଷ ଦିଲୀପ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଗୋଷ୍ଠୀଗୃହ ନିର୍ମାଣ ପାଇଁ ସରକାର ୨୭ ଲକ୍ଷ ଟଙ୍କା ଅନୁଦାନ ଦେଇଥିବା ବେଳେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକ ଏହି ଗୃହରେ ମାଙ୍ଗଳିକ କାର୍ଯ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ, ବୈଠକ, ନାଚ ଗୀତ ସାମୁହିକ ପ୍ରାର୍ଥନା ଆଦି କରିବାକୁ ସୁବିଧା ହେବ ବୋଲି ଉପବାଚସ୍ପତି ସାଲୁଗା ପ୍ରଧାନ ଓ ଏମ୍‌ପି କହିଛନ୍ତି। ସେହିପରି ଦାରିଙ୍ଗବାଡିଠାରେ ଜନଜାତି ସଂସ୍କୃତି ଭବନର ଭିତ୍ତି ପ୍ରସ୍ତର ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**୨୭ ଲକ୍ଷରେ ସଂଖ୍ୟାଲଘୁଙ୍କ ପାଇଁ ଗୋଷ୍ଠୀଗୃହ**

## ସରିଲା ମାଟ୍ରିକ ପରୀକ୍ଷା ଖଜୁରିପଡ଼ାର ୪ କେନ୍ଦ୍ରରେ ୬୯୪ ଜଣ ପରୀକ୍ଷା ଦେଲେ

ଖଜୁରୀପଡ଼ା,୪।୩ ( ବିଦୁର ବେହେରା) :

ସରିଲା ୨୦୨୪ର ମାଟ୍ରିକ ପରୀକ୍ଷା। ଶିକ୍ଷା ବର୍ଷ ୨୦୨୩–୨୪ ପାଇଁ ଫେବୃଆରୀ ୨୦ରୁ ଆରମ୍ଭ ହୋଇଥିଲା ମାଟ୍ରିକ ପରୀକ୍ଷା ଏବଂ ମାର୍ଚ୍ଚ ୪ ତାରିଖରେ ପରୀକ୍ଷା ଶେଷ ହୋଇଛି। ଖଜୁରିପଡ଼ା ବ୍ଲକରୁ ୪ଟି ପରୀକ୍ଷା କେନ୍ଦ୍ରରେ ମୋଟ ୭୨୪ ପରୀକ୍ଷାର୍ଥୀ ମଧ୍ୟରୁ ୬୯୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଦୁତିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୬୨ ରୁ ୧୫୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ଦୂତିପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୩୦ରୁ ୧୨୮ ଜଣ ପରୀକ୍ଷା ଦେଇଛନ୍ତି। ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟ ରଣ ପାଟୁଲି ପରୀକ୍ଷା କେନ୍ଦ୍ରରେ ୨୧୩ରୁ ୨୦୯ ଜଣ ପରୀକ୍ଷା ଦେଇଛନ୍ତି ଏବଂ ଖଜୁରୀପଡ଼ା ଉଚ୍ଚ ବିଦ୍ୟାଳୟରେ ୨୧୯ ଜଣରୁ ୨୦୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ ସୂଚନା ଦେଇଛନ୍ତି।

# ଏମ୍‌ପିଙ୍କ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

ଫୁଲବାଣୀ/ ବାଲିଗୁଡ଼ା, ୪।୩(ରାକେଶ କୁମାର ରାଉତ/ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଏମପି ଅଚ୍ୟୁତ ସାମନ୍ତ ରବିବାର ଓ ସୋମବାର ଦୁଇଦିନ ଧରି କନ୍ଧମାଳ ଜିଲାରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତିପ୍ରସସ୍ତର ସ୍ଥାପନ କରିଛନ୍ତି । ଫୁଲବାଣୀରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦରେ କନ୍ଧମାଳ ଜିଲାରେ ବିକାଶର ରଥ ଆଗେଇ ଚାଲିଛି। ଜିଲାବାସୀଙ୍କ ସହଯୋଗରେ କନ୍ଧମାଳକୁ ଏକ ନମ୍ବର ଜିଲାରେ ପରଣିତ କରିବା ପାଇଁ ସେ ଆହ୍ୱାନ କରିଥିଲେ । ପରେ ସାମନ୍ତ ବାଲିଗୁଡ଼ା ବ୍ଲକର ୪ଟି ଦୁର୍ଗମ ପଞ୍ଚାୟତରେ ୧୫କୋଟି ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ଯୋଜନାରେ ନିର୍ମାଣ ହେବାକୁ ଥିବା ୪ଟି ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବାଲିଗୁଡ଼ା ବ୍ଲକର ବାରଖେମା ପଞ୍ଚାୟତ ଡ଼େଲାମୁଣ୍ଡାଠାରୁ ଗଡିଙ୍ଗିଆ ରାସ୍ତାରେ ୨କୋଟି ୮୭ଲକ୍ଷ ଟଙ୍କା ବ୍ୟୟରେ ଏବଂ ସଲାଗୁଡ଼ା ପଞ୍ଚାୟତ ସକରପଡ଼ି–ବୁକୁକିଆ ରାସ୍ତାରେ ୨କୋଟି ୯୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ବୁଡୁରୁକିଆ ପଞ୍ଚାୟତର ମାଦିନାଟ ନାଳ ଉପରେ ୫କୋଟି ୫ଲକ୍ଷ ଟଙ୍କା ଏବଂ ସିନ୍ଦ୍ରିଗାଁ ପଂଚାୟତର ଗାଡ଼ିଆଯୋଡ଼ି ନାଳ ଉପରେ ୩ କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ହାଇ ଲେବଲ୍ ସେତୁର ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ଉପସ୍ଥିତ ଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାଇକିଆ ବ୍ଲକର ସୁଗଡ଼ାବାଡ଼ି–ଡ଼ିଗି ରାସ୍ତାର ଭିତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେବା ସହ ରାଇକିଆ, ଟିଆଙ୍ଗିଆ, କାନବାଗେରୀ, ଟିକାବାଲିଠାରେ ସଂଖ୍ୟାଲଘୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାଛଡ଼ା ରାଇକିଆଠାରେ ପଞ୍ଚାୟତ ସୁବିଧା କେନ୍ଦ୍ର ଓ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ୩ଟି ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାଙ୍କୁ ନିଜସ୍ୱ ପାଣ୍ଠିରୁ ସିଲେଇ ମେସିନ୍ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପ ବାଚସ୍ପତି ସାଲୁଗା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, ଜିଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ବିଡିଓ ସୀମାଚଳ ମଣ୍ଡଳ ପ୍ରମୁଖ ଯୋଗ ଦେଇ ଥିଲେ । ଦାରିଙ୍ଗିବାଡ଼ିରେ ଉଜ୍ୱଳ ଆଲୋକ ବ୍ୟବସ୍ଥା ଉଦ୍‌ଘାଟନ କରିବା ସହ ଏସଡ଼ିସି ସାଂସ୍କୃତିକ ଭବନର ଶିଳାନ୍ୟାସ କରିଥିଲେ । ବାମୁଣିଗାଁଠାରେ ସଂଖ୍ୟାଲଘୁ ଗୋଷ୍ଠୀ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଦାରିଙ୍ଗିବାଡ଼ିର ୮ ପଞ୍ଚାୟତର ୫୦୦ରୁ ଉର୍ଦ୍ଧ୍ୱ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଥିଲେ । ବ୍ରାହ୍ମଣୀଗାଁଠାରେ ବିଜେଡ଼ି ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବରେ ଯୋଗଦେଇ ସାମନ୍ତ କହିଲେ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟ ଦକ୍ଷତା, ସ୍ୱଚ୍ଛତା, ସୁଶାସନ ଓ ବିକାଶରେ ଅନୁପ୍ରାଣୀତ ହୋଇ ବହୁ ଲୋକ ବିଜେଡ଼ିରେ ଯୋଗ ଦେଉଛନ୍ତି।

